# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 23 October – 2025

********************************

## ମୁଖ୍ୟ ସମ୍ବାଦ

- ‘ମେରା ବୁଥ୍ ସବ୍ ସେ ମଜଭୁତ୍’ କାର୍ଯ୍ୟକ୍ରମ ଅଧୀନରେ ଆଜି ସନ୍ଧ୍ୟାରେ ଦଳୀୟ କର୍ମୀଙ୍କ ସହ ମତ ବିନିମୟ କରିବେ ପ୍ରଧାନମନ୍ତ୍ରୀ

- ଦେଶବ୍ୟାପୀ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସ୍ତୁତିର ସମୀକ୍ଷା କଲେ ନିର୍ବାଚନ ଆୟୋଗ

- ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ହେଉଛି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ

ଏବଂ

- ରାଜ୍ୟର ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଲାଗୁ ହେଲା ନୂତନ ପରୀକ୍ଷା ବ୍ୟବସ୍ଥା ଓ ମୂଲ୍ୟାଙ୍କନ ପ୍ରକ୍ରିୟା

## ପ୍ରଧାନମନ୍ତ୍ରୀ ବୁଥ୍‌ସ୍ତରୀୟ ପ୍ରଚାର

'ମେରା ବୁଥ୍ ସବ୍‌ସେ ମଜଭୁତ୍' କାର୍ଯ୍ୟକ୍ରମ ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ମାଧ୍ୟମରେ ଦଳୀୟ କର୍ମୀଙ୍କ ସହ ମତ ବିନିମୟ କରିବେ। ସନ୍ଧ୍ୟା ୬ଟାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି। ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟ, ଲୋକଙ୍କ ସହ ସମ୍ପର୍କ ଏବଂ ଆଲୋଚନା ମାଧ୍ୟମରେ ଦଳୀୟ କର୍ମୀଙ୍କର ମତ ବିନିମୟ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ-ଏନ୍‌ଡିଏର ସବୁଠାରୁ ଦୃଢ଼ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଭୋଟର ତାଲିକା ସଂଶୋଧନ

ଦେଶବ୍ୟାପୀ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରସ୍ତୁତି ନେଇ ନିର୍ବାଚନ ଆୟୋଗ ସମୀକ୍ଷା କରିଛନ୍ତି। ନୂଆଦିଲ୍ଲୀରେ ଚାଲିଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମ୍ମିଳନୀରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକରେ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ସମ୍ମିଳନୀରେ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ ଯୋଗଦେଇ ସ୍ୱତନ୍ତ୍ର ଭୋଟର ତାଲିକା ପ୍ରସ୍ତୁତ ପ୍ରକ୍ରିୟା ଉପରେ ଆଲୋକପାତ କରିଛନ୍ତି। ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନ ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି

ମୂଲ୍ୟାଙ୍କନ ସହ ବିଭିନ୍ନ ସ୍ତରରେ ନିର୍ବାଚନ ସହ ସମ୍ପର୍କୀତ ଅଧିକାରୀମାନଙ୍କ ନିଯୁକ୍ତି ଓ ତାଲିମର ସ୍ଥିତି ସମୀକ୍ଷା କରିଛନ୍ତି। ସମ୍ମିଳନୀରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀ ଯୋଗଦେଇଛନ୍ତି। ସମ୍ମିଳନୀ ଆଜି ଉଦ୍‌ଯାପିତ ହେଉଛି।

## ଶ୍ରୀଅନ୍ନ ସମ୍ମିଳନୀ

ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ ଆସନ୍ତାମାସ ୧୦ ଓ ୧୧ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ । ଡକ୍ଟର ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ନିରୀକ୍ଷଣ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ଥର ମହିଳା ଚାଷୀଙ୍କ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯିବ। ଦେଶ ଏବଂ ଦେଶ ବାହାରୁ ବହୁ କୃଷିବିତ୍, ବୈଜ୍ଞାନିକ, ମହିଳା କୃଷି ଉଦ୍ୟୋଗୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ସମ୍ମିଳନୀରେ ଯୋଗଦେବେ। ଦୁଇଦିନିଆ ଶ୍ରୀଅନ୍ନ ସମ୍ମିଳନୀକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ । ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ବୋଲି ବୈଠକ ସୂତ୍ରରୁ ଜଣାପଡିଛି। ଚଳିତଥର ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି, ‘ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ ଓ କୃଷି ଐତିହ୍ୟରେ ମହିଳାଙ୍କ ଭାଗିଦାରୀ’ । କାର୍ଯ୍ୟକ୍ରମରେ ମାସ୍କଟ ମିଳି

ମୟୂରଭଞ୍ଜର ପ୍ରଖ୍ୟାତ 'ଫୁଟା ଶାଢୀ' ପରିଧାନ କରିବେ ବୋଲି ଜଣାପଡିଛି ।

## ନୂଆପଡା ଉପନିର୍ବାଚନ

**ନୂଆପଡା** ବିଧାନସଭା ଉପନିର୍ବାଚନ ପାଇଁ ଆସନ୍ତାକାଲି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ତାରିଖ। ଗତକାଲି ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ନାମାଙ୍କନପତ୍ର ଦାଖଲ କରିଥିବା ୧୯ ଜଣଙ୍କ ମଧ୍ୟରୁ ୫ ଜଣଙ୍କର ପ୍ରାର୍ଥୀପତ୍ର ଖାରଜ ହୋଇଯାଇଛି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ **ନୂଆପଡା ସମ୍ବାଦଦାତା** କହିଛନ୍ତି.....

**- V/O -**

ଉପନିର୍ବାଚନରେ ଆସନ୍ତାମାସ ୧୧ ତାରିଖରେ ମତଗ୍ରହଣ ସହ ୧୪ ତାରିଖରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

## ଇ-ଚାଲାଣ

ବିଭିନ୍ନ କୋର୍ଟରେ ବିଚାରାଧୀନ ଥିବା ଇ-ଚାଲାଣ ପ୍ରତ୍ୟାହାର କରିବାର ପଦ୍ଧତି ଏବଂ ସରକାରଙ୍କୁ ସୁପାରିଶ କରିବା ନେଇ ଆସନ୍ତାକାଲି ଏକ ବୈଠକ ଅନୁଷ୍ଠିତ ହେବ। ଆଇନ୍ ବିଭାଗର ପ୍ରମୁଖ ସଚିବଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ହେବାକୁ ଥିବା ବୈଠକରେ ନିର୍ଦ୍ଧାରିତ ସମୟରେ ସମାଧାନ ହୋଇପାରି ନଥିବା ଇ-ଚାଲାଣ ସମ୍ପର୍କିତ ମାମଲା ଉପରେ ଆଲୋଚନା କରାଯିବ। ଆଇଟିଓ ଏବଂ ପୁଲିସ୍ କର୍ତ୍ତୃପକ୍ଷଙ୍କ ସ୍ତରରେ

ସମାଧାନ ହୋଇ ପାରୁ ନଥିବା ବହୁସଂଖ୍ୟକ ଇ-ଚାଲାଣ ମାମଲାକୁ କୋର୍ଟକୁ ସ୍ଥାନାନ୍ତର କରାଯାଇଛି।

## ସୈନିକ ସ୍କୁଲ

୨୦୨୬-୨୭ ଶିକ୍ଷାବର୍ଷରେ ଭୁବନେଶ୍ୱର ସୈନିକ ସ୍କୁଲରେ ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ନିମନ୍ତେ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଜାରି ରହିଛି। ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା ଆବେଦନ ପ୍ରକ୍ରିୟା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ୩୧ ତାରିଖ ସୁଦ୍ଧା ପରୀକ୍ଷା ନିମନ୍ତେ ଆବେଦନ ଶୁଳ୍କ ଦାଖଲ କରାଯାଇ ପାରିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଆସନ୍ତାମାସ ୨ ରୁ ୪ ତାରିଖ ମଧ୍ୟରେ ଆବେଦନପତ୍ରଗୁଡ଼ିକର ସଂଶୋଧନ ପାଇଁ ସମୟସୀମା ଧାର୍ଯ୍ୟ ହୋଇଛି। ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍‌ଟିଏ ଦ୍ୱାରା ଆସନ୍ତାବର୍ଷ ଜାନୁୟାରୀ ମାସରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ସମ୍ପର୍କିତ ସମସ୍ତ ବିବରଣୀ ଏନ୍‌ଟିଏ ୱେବ୍‌ସାଇଟ୍‌ରେ ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ମାର୍ଗଦର୍ଶିକା-ପାଠ୍ୟକ୍ରମ

ରାଜ୍ୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ନୂତନ ପରୀକ୍ଷା ବ୍ୟବସ୍ଥା ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟା ରାଜ୍ୟ ସରକାର ଲାଗୁ କରିଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଜାତୀୟ ପାଠ୍ୟକ୍ରମ ଢ଼ାଞ୍ଚା-୨୦୨୩ ଆଧାରରେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀ ବାର୍ଷିକ ପରୀକ୍ଷା ଓ ମୂଲ୍ୟାଙ୍କନ ନେଇ ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି। ଛାତ୍ରଛାତ୍ରୀଙ୍କୁ ଦକ୍ଷତା ଆଧାରିତ ପରୀକ୍ଷା ପାଇଁ ପ୍ରସ୍ତୁତି ଉପରେ

ଏଥିରେ ଗୁରୁତ୍ୱ ଦିଆଯାଇଛି । ପରୀକ୍ଷା ଢାଞ୍ଚା ଏବଂ ମୂଲ୍ୟାଙ୍କନ ପ୍ରକ୍ରିୟା ନେଇ ଜିଲ୍ଲା ଶିକ୍ଷା ତାଲିମ୍ ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କୁ ତାଲିମ ପ୍ରଦାନ କରାଯିବ ।

ମାର୍ଗଦର୍ଶିକାର ସଠିକ କାର୍ଯ୍ୟକାରିତା ନେଇ ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ କାର୍ଯ୍ୟକ୍ରମ-ଓସେପାକୁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାସ୍ତରରେ ପ୍ରଶ୍ନ ପତ୍ର ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଜିଲ୍ଲାସ୍ତରୀୟ ତତ୍ତ୍ୱାବଧାନ କମିଟି ତଦାରଖ କରିବ। ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଡିଆଇଇଟି ପ୍ରଶ୍ନପତ୍ର ପ୍ରସ୍ତୁତ ନେଇ ଏହି କମିଟି ଅଧୀନରେ କାର୍ଯ୍ୟ କରିବେ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି ।

ମାର୍ଗଦର୍ଶିକା ଅନୁଯାୟୀ, ପଞ୍ଚମ ଶ୍ରେଣୀରେ ଲିଖିତ ପରୀକ୍ଷା ପାଇଁ ୪୦ ଓ ମୌଖିକ ପରୀକ୍ଷା ପାଇଁ ୧୦ ମାର୍କ ରହିଥିବାବେଳେ ଅଷ୍ଟମ ଶ୍ରେଣୀରେ ଲିଖିତ ପରୀକ୍ଷା ପାଇଁ ୫୦ ମାର୍କ ଧାର୍ଯ୍ୟ କରାଯାଇଛି। ବିଦ୍ୟାଳୟ ସ୍ତରରେ ହିଁ ଉତ୍ତରଖାତାର ମୂଲ୍ୟାଙ୍କନ କରାଯିବ। ଫେବୃୟାରୀ ମାସରେ ପରୀକ୍ଷା କରାଯାଇ ମାର୍ଚ୍ଚ ଶେଷ ସୁଦ୍ଧା ଖାତାର ମୂଲ୍ୟାଙ୍କନ ଶେଷ କରିବା ସଂକ୍ରାନ୍ତ ସମୟସୀମା ଧାର୍ଯ୍ୟ ହୋଇଛି ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଇଣ୍ଡିଆନ୍ ରୋଡ୍ କଂଗ୍ରେସ

ଇଣ୍ଡିଆନ୍ ରୋଡ୍ କଂଗ୍ରେସ-ଆଇଆରସିର ୮୪ତମ ଅଧିବେଶନ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଅଧିବେଶନରେ ସଡକ ନିର୍ମାଣ, ପ୍ରଯୁକ୍ତିବିଦ୍ୟା, ପର୍ଯ୍ୟଟନ, ଶିଳ୍ପ, ଖଣି, ହସ୍ତଶିଳ୍ପ, ହସ୍ତତନ୍ତ, କୃଷି ଆଦି କ୍ଷେତ୍ରରେ ଓଡ଼ିଶାକୁ ଅଭିବୃଦ୍ଧିର ଏକ ଅଗ୍ରଣୀ ରାଷ୍ଟ୍ର ଭାବରେ ଉପସ୍ଥାପନ କରାଯିବ। ଏହାର ପରିଚାଳନା ପାଇଁ ୧୮ଟି କମିଟି ଗଠନ କରାଯାଇଛି। ଆଇଆଇଟି ଭୁବନେଶ୍ୱର, ଏନ୍ଆଇଟି ରାଉରକେଲା ଭଳି ପ୍ରମୁଖ ବୈଷୟିକ ପ୍ରତିଷ୍ଠାନର ଶିକ୍ଷାବିତ୍‌ମାନଙ୍କୁ ସଡକ କ୍ଷେତ୍ରରେ ବର୍ତ୍ତମାନର ପଦକ୍ଷେପ ସଫଳତାର କାହାଣୀ, ଉନ୍ନତି ଓ ଆଇଆରସି କୋଡ୍ ବ୍ୟବହାରର ଅଭିଜ୍ଞତା ଦାଖଲ କରିବାକୁ ଅନୁରୋଧ କରାଯାଇଛି। ଦେଶବ୍ୟାପୀ ପ୍ରାୟ ୨ ହଜାର ଆଇଆରସି ପ୍ରତିନିଧିଙ୍କ ଯୋଗଦାନ ସହ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିବେ। ରାଜ୍ୟରେ ଷଷ୍ଠ ଥର ପାଇଁ ଆଇଆରସିର ବାର୍ଷିକ ଅଧିବେଶନ ଆୟୋଜନ କରାଯାଉଛି। ଅଧିବେଶନ ଆସନ୍ତା ମାସ ୭ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ ଜଣାପଡିଛି।

## ଯମ ଦ୍ୱିତୀୟା

କାର୍ତ୍ତିକମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ଅବସରରେ ଆଜି ଯମ ଦ୍ୱିତୀୟା ତଥା ଭାତୃ ଦ୍ୱିତୀୟା ପାଳନ କରାଯାଉଛି। ଭାଇର ମଙ୍ଗଳ କାମନା କରି ଭଉଣୀ ଏହି ଅବସରରେ ଯମଙ୍କ ଆଶୀର୍ବାଦ କାମନା କରିଥାନ୍ତି। ପୁରୀ ଶ୍ରୀକ୍ଷେତ୍ରରେ ଆଜି ଯମେଶ୍ୱର ମହାଦେବଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କର ଭିଡ ପରିଲକ୍ଷିତ ହୋଇଛି। ପରମ୍ପରା ଅନୁଯାୟୀ, ଯମଦେବତାଙ୍କ ପୂଜା ପରେ ଯମୁନାଙ୍କୁ ପୂଜା କରାଯିବାର ବିଧି ରହିଛି। ଦିବସ ପାଳନ ଅବସରରେ ବିଧି ଅନୁଯାୟୀ ଭଉଣୀ ନିଜ ଭାଇକୁ ଟିକା ଲଗାଇ ଭୋଜନ ପ୍ରସ୍ତୁତ କରି ଖୁଆଇଥାନ୍ତି।

## ଜଳସେଚନ

**ଗଞ୍ଜାମ** ଜିଲ୍ଲାର ଘୋଡାହାଡ ଡ୍ୟାମ୍‌ରୁ ସ୍କିଲ୍ ମୁଖ୍ୟ ଫାଟକ ଦେଇ ନଦୀ ମଧ୍ୟକୁ ପାଣି ଛଡାଯିବ ବୋଲି ଦିଗପହଣ୍ଡିସ୍ଥିତ ଘୋଡାହାଡ ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ତଟବର୍ତ୍ତୀ ଗ୍ରାମବାସୀଙ୍କୁ ଏ ନେଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଡ୍ୟାମ୍‌ର ଜଳଧାରଣ କ୍ଷମତା ୧୧୭ ଦଶମିକ ୮/୦ ମିଟର ରହିଥିବାବେଳେ ବର୍ତ୍ତମାନ ଜଳଭଣ୍ଡାରରେ ୧୧୬ ଦଶମିକ ୭/୧ ମିଟର ପାଣି ଗଚ୍ଛିତ ଥିବା ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି ।

## ସାଇବର ଅପରାଧ

ସାଇବର ଅପରାଧ ସମ୍ପର୍କରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ରାଜ୍ୟ ପୁଲିସ୍ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି । **ନବରଙ୍ଗପୁର** ଜିଲ୍ଲା ପୁଲିସ୍ ପକ୍ଷରୁ ଆଜି ଏକ ୱାକାଥନ ଅନୁଷ୍ଠିତ ହୋଇଛି । ସାଇବର ଅପରାଧ ସଂକ୍ରାନ୍ତ ଅଭିଯୋଗ ପାଇଁ ୧୯୩୦ ହେଲ୍ପ ଲାଇନ୍ ନମ୍ବର ଉପଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ଜନଭାଗିଦାରିତା ଆଧାରରେ ସାଇବର ଅପରାଧକୁ ଦୂରେଇ ରଖାଯାଇପାରିବ ବୋଲି ୱାକାଥନ ଅବସରରେ ଲୋକଙ୍କୁ ସଚେତନ କରାଯାଇଛି । ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏମ୍. ସୁନୀଲ ସମ୍ପତ୍ତଙ୍କ ସମେତ ପୁଲିସ୍ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଛାତ୍ରଛାତ୍ରୀ ଏବଂ ସମାଜର ବିଭିନ୍ନ ବର୍ଗର ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ । **କନ୍ଧମାଳ** ଜିଲ୍ଲାରେ ଏହି ଅଭିଯାନ ଅଧୀନରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ବେଦଭୂଷଣ ଏବଂ ଆରକ୍ଷୀ ଅଧିକ୍ଷକ

ହରିଶ୍ ବିଶି ଉଦ୍‌ଘାଟନ କରିଛନ୍ତି। ୧୫ ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଭିଯାନ ଅଧୀନରେ ସଚେତନତା ରଥ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ପରିଭ୍ରମଣ କରିବ। **ବଲାଙ୍ଗିର** ଜିଲ୍ଲା ଭୀମ ଭୋଇ ଭେଷଜ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଯୋଗଦେଇ ସାଇବର ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ମହକ

**ଭଦ୍ରକ** ଜିଲ୍ଲା ସଂସ୍କୃତି ଭବନଠାରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ-ମହକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ ଶିଶୁମାନଙ୍କ ଅନ୍ତର୍ନିହିତ ଗୁଣର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗ ଏବଂ ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## କୁଡୋ ପ୍ରତିଯୋଗିତା

ଗୁଜୁରାଟର ସୁରଟଠାରେ କୁଡୋ ଇଣ୍ଡିଆ ଫେଡେରେସନ୍ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ଆସନ୍ତାକାଲିଠାରୁ ୧୬ତମ ଜାତୀୟ କୁଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ୪୫ ଜଣ ବାଳକ-ବାଳିକା ଭାଗ ନେଇଛନ୍ତି। ପ୍ରତିଯୋଗିତା ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।